OrissaPOST HERE . NOW

EDITORS' CONCLAVE AT BIRLA SCHOOL OF COMMUNICATION

# Transition in journalism more today: Satpathy



POST NEWS NETWORK

**Bhubaneswar, April 25:** Journalism has always been in transition, and today, more than ever, said **Dharitri** and **Orissa POST** Editor Tathagata Satpathy Friday.

Speaking at the inaugural session of the first-ever Editors' Conclave hosted by the Birla School of Communication at the Birla Global University (BGU) here, Satpathy said, "News is something that surrounds us every day, and journalism, as I see it, is always in transition. In fact, the transition today is more than ever."

Satpathy said journalism is the oldest profession as it is linked to the evolution of communication itself. "The evolution of the first form of journalism can be traced to hunter-gatherer days. Since ancient times, humans, or even animals, have shared information about food sources for survival," he said.

He said the responsibility of delivering accurate information to society rests with the media. "In the present age, every incident spreads rapidly. While the media is busy broadcasting updates about events to the public, they often don't delve deep into the root of the incident. Therefore, it is essential for journalists to investigate thoroughly and bring out fact-based news to the public eye, and editors must ensure that such reports are given due space in their media platforms," he said.

> **It is essential for journalists to investigate thoroughly and bring out fact-based news to the public eye, and editors must ensure that such reports are given due space in their media platforms**
>
> TATHAGATA SATPATHY | DHARITRI & ORISSA POST EDITOR

Citing example of the Pahalgam incident, he stated that while everyone is eager to know what actions will be taken after such a terror strike, very few present factual information about the root causes behind such a major event.

"Identifying the causes of such incidents can help in preventing them in the future," he added.

On the occasion, Satpathy delivered an insightful discussion on the evolving landscape of journalism. He emphasised the transformative role, responsibilities, and challenges of editorial leadership in the digital age.

The inaugural session – Media in Transition: The Editor's Perspective Then and Now – saw the participation of prominent media personalities, including OdishaLIVE Editor Nilambar Rath and Outlook's former Editor-in-Chief Ruben Banerjee, who joined virtually.

In his address, Banerjee emphasised the growing challenge of misinformation. "Falsehood spreads faster today due to the accessibility of social media. Disinformation which is deliberate can be more dangerous than misinformation—unintentional inaccuracies. Fact-checking must be taught from a young age and made part of school curricula," he said.

The session was moderated by Assistant Professor Anwesha Padhi.

The second session – The Future of Media Freedom: Corporate Influence, Editorial Independence, and Regulatory Challenges – featured BBC Editor (Digital Content) Sarvapriya Sangwan, Newsroom Editor Manoranjan Mishra, MBC TV Editor Ashok Kumar Panda, and Nandighosha TV Editor Sisir Bhattamishra.

The session delved into the responsibilities of media in safeguarding freedom of speech while resisting propaganda and maintaining editorial integrity.

Students, faculty, and writers from various media organisations participated in the conclave, which concluded with a Q&A session.

www.odishapostepaper.com I All rights reserved © 2025

୧୦୫ ବର୍ଷର ପ୍ରକାଶନ
105 YEARS OF PUBLICATION
Daily Edition: R.N.I. No. 4985/57
ଭୁବନେଶ୍ୱର, ଶନିବାର ୨୬ ଏପ୍ରିଲ ୨୦୨୫
Bhubaneswar, Saturday 26 April 2025
www.thesamaja.com
www.samajaepaper.com
www.samajalive.in
₹ ୭.୦୦ (୧୮ ପୃଷ୍ଠା)

ସମାଜ
The Samaja
PRINTED AT CUTTACK, SAMBALPUR, BALESWAR, JEYPORE

# ସାମ୍ବାଦିକତାର ବିକଶିତ ଦୃଶ୍ୟପଟ ସମ୍ପର୍କରେ ଆଲୋଚନା



ଭୁବନେଶ୍ୱର,୨୫।୪(ଭୁ.ପ୍ର): ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେସନ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ପ୍ରଥମ ସମ୍ପାଦକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଯାହା ଶିକ୍ଷାନୁଷ୍ଠାନ ଓ ଗଣମାଧ୍ୟମ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ । ଏହି ସମ୍ମିଳନୀରେ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକମାନେ ଯୋଗଦେଇ ସାମ୍ବାଦିକତାର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ । ୟୁନିଭର୍ସିଟିର ଭୁବନେଶ୍ୱର କ୍ୟାମ୍ପସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଇଟି ବିଷୟବସ୍ତୁ ଯଥା- 'ଗଣମାଧ୍ୟମର ପରିବର୍ତ୍ତନ: ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ' ଏବଂ 'ମିଡିଆ ସ୍ୱାଧୀନତାର ଭବିଷ୍ୟତ କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ' ଆଲୋଚନାରେ ସାମିଲ ହେବା ପାଇଁ ଏକ ମଞ୍ଚ ଯୋଗାଇଥିଲା ।

ଏହି ସମ୍ମିଳନୀରେ ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ, 'ଓଡ଼ିଶା ଲାଇଭ୍'ର ସମ୍ପାଦକ ନୀଳାମ୍ବର ରଥ, ଏଡ଼ିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ରୁବେନ ବାନାର୍ଜୀ, ବିବିସି ନ୍ୟୁଜ୍ ଡିଜିଟାଲ କଣ୍ଟେଣ୍ଟ୍ ସମ୍ପାଦକ ସର୍ବପ୍ରିୟା ସାଙ୍ଗୱାନ୍, ନ୍ୟୁଜ୍ ରୁମ୍ ପ୍ରତିଷ୍ଠାତା ମନୋରଞ୍ଜନ ମିଶ୍ର, ଏମ୍‌ବିସି ଟେଲିଭିଜନ ସମ୍ପାଦକ ଡ. ଅଶୋକ ପଣ୍ଡା, ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜମିଶ୍ର ପ୍ରମୁଖ ଯୋଗଦେଇ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ଅଭିଜ୍ଞତା ଓ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ ।

ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନର ଡିନ୍ ଶିବଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରଛାତ୍ରୀଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଏବଂ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡ଼ିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ । ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ର ଉଦ୍‌ଯାପନୀ ଅଭିଭାଷଣ ରଖିଥିଲେ । ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ ଓ ଡ. ମେହୁଲ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# Birla Global University's Birla School of Communication Hosts Editors' Conclave

April 26, 2025

***HELD AT THE UNIVERSITY'S BHUBANESWAR CAMPUS, THE EDITORS' CONCLAVE SERVED AS A DYNAMIC PLATFORM FOR STUDENTS & PROFESSIONALS TO ENGAGE IN MEANINGFUL DISCUSSIONS***

**OdishaPlus Bureau**



Birla School of Communication of Birla Global University (BGU) hosted its first Editors' Conclave on April 25, 2025, marking a significant milestone in its commitment to fostering dialogue between academia and the media industry.

The conclave brought together a distinguished panel of editors from leading national media houses, sparking insightful conversations on the evolving landscape of journalism.

Held at the university's Bhubaneswar campus, the event served as a dynamic platform for students, professionals to engage in meaningful discussions on two thought-provoking themes— 'Media in Transition: The Editor's Perspective Then and Now' and 'The Future of Media Freedom: Corporate Influence, Editorial Independence and Regulatory Challenges'—the conclave facilitated in-depth conversations on the shifting roles, responsibilities, and challenges of editorial leadership in the digital age.




*Nilambar Rath, Editor & CEO, OdishaLIVE and Former Editor, ETV Network speaking at the First Editors' Conclave hosted by Birla Global University, Bhubaneswar*

Panelists included Tathagata Satpathy, Editor, Dharitri & OrissaPost, Nilambar Rath, Editor & CEO, OdishaLIVE and Former Editor, ETV Network, Ruben Banerjee, General Secretary, Editors Guild of India, Sarvapriya Sangwan, Editor, Digital Content, BBC News, Manoranjan Mishra Founder & Editor, News Room, Dr Ashok Kumar Panda, Editor, MBC Television, Sisir Bhattmishra, Editor, Nandighosa TV, who shared their experiences, challenges, and insights into the future of news and responsible journalism.

Prof Kulbhushan Balooni, Vice Chancellor, BGU and Prof BK Das, Registrar felicitated all the esteemed editors.

Delivering the welcome address, Dr Shiv Shankar Das, Dean of Birla School of Communication, said, "The Editors' Conclave is a reflection of our mission to connect students with real-world challenges and thought leaders from the media fraternity".

The conclave concluded with closing remarks from Dr Gyana Ranjan Mishra, Assistant Professor at the Birla School of Communication. Anwesha Padhi and Dr Mehul Agarwal, Assistant Professors at the Birla School of Communication, moderated the sessions.

ଧରିତ୍ରୀ
DHARITRI

# 'ଘଟଣାର ଜଡ଼ରେ ପହଞ୍ଚିବା ସାମ୍ବାଦିକଙ୍କ ଦାୟିତ୍ୱ'

## ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ସମ୍ପାଦକ ସମ୍ମିଳନୀ

ଭୁବନେଶ୍ୱର,୨୫।୪
(ଅନୁରାଧା ମହାରଣା)

ସାମ୍ବାଦିକତା ହେଉଛି ସର୍ବପୁରାତନ ଜୀବିକା। କାହିଁ କେଉଁ କାଳରୁ ମଣିଷ ଜୀବଜନ୍ତୁ ବା ପ୍ରାଣୀ ଜୀବନ ଜୀବିକା ନିର୍ବାହ ପାଇଁ ଖାଦ୍ୟ ସମ୍ପର୍କରେ ସାଥୀଙ୍କୁ ସୂଚନା ଦେଇଥା'ନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମାଜକୁ ଠିକ୍ ସୂଚନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ବହନ କରୁଛି। ପ୍ରତ୍ୟେକ ଘଟଣା ଖୁବ୍‌ଶୀଘ୍ର ବ୍ୟାପିଯାଉଛି। ତେବେ ଲୋକଙ୍କ ପାଖରେ କୌଣସି ଘଟଣାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପ୍ରସାରଣ ପାଇଁ ଗଣମାଧ୍ୟମ ବ୍ୟଗ୍ର ଥିବାବେଳେ ତା'ର ଜଡ଼କୁ ଯିବାକୁ ଅନେକେ ଚାହୁଁନାହାନ୍ତି। ତେଣୁ ପ୍ରତି ଘଟଣାର ଜଡ଼କୁ ଯାଇ ସାମ୍ବାଦିକମାନେ ଠିକ୍ ତଥ୍ୟଯୁକ୍ତ ଖବର ଲୋକଲୋଚନକୁ ଆଣିବା ଓ ତାହାକୁ ନିଜ ଗଣମାଧ୍ୟମରେ ସ୍ଥାନିତ କରିବାକୁ ସମ୍ପାଦକ ସମ୍ମତି ଦେବା ଜରୁରୀ। ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ଅନୁଷ୍ଠିତ ପ୍ରଥମ 'ସମ୍ପାଦକ ସମ୍ମିଳନୀ'ରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି।

ଶୁକ୍ରବାର କ୍ୟାମ୍ପସ୍ ପରିସରରେ ଆୟୋଜିତ ଏହି କନ୍‌କ୍ଲେଭରେ ୨ଟି ଅଧିବେଶନରେ 'ଗଣମାଧ୍ୟମର ପରିବର୍ତ୍ତନ: ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ' ଏବଂ 'ମିଡିଆ ସ୍ୱାଧୀନତାର ଭବିଷ୍ୟତ କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଡିନ୍ ଶିବ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରୀଛାତ୍ରଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଓ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡ଼ିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଯୋଗ ଦେଇଥିବାବେଳେ ଆଉଟ୍‌ଲୁକ୍‌ର ପୂର୍ବତନ ମୁଖ୍ୟ ସମ୍ପାଦକ ରୁବେନ ବାନାର୍ଜୀ ଭର୍ଚୁଆଲରେ ଯୋଡ଼ିହୋଇଥିଲେ। ଏ[illegible]ରେ ତଥାଗତ ସା[illegible]ତାର ବିକଶିତ ଦୃଶ୍ୟପଟ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା କରି ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପହଲଗାମ ଘଟଣାର ଉଦାହରଣ ଦେଇ ସେ କହିଲେ, ଆତଙ୍କବାଦୀ ଆକ୍ରମଣ ପରେ କ'ଣ ପଦକ୍ଷେପ ନିଆଯିବ ତାହା ଜାଣିବା ପାଇଁ ସମସ୍ତେ ଚାହାନ୍ତି। ମାତ୍ର ଏତେ ବଡ଼ ଅଘଟଣ ଘଟିବାର ମୂଳ କାରଣ ଉପରେ କେହି ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଏଭଳି ଘଟଣାର କାରଣ ଜଣାପଡ଼ିଲେ ଭବିଷ୍ୟତ ପାଇଁ ଏହାର ନିରାକରଣ କରାଯାଇପାରିବ। ସତ୍ୟ ସର୍ବସମ୍ମୁଖକୁ ଆଣିବା ଜଣେ ସାମ୍ବାଦିକତାର ଦାୟିତ୍ୱ ହେବା ଉଚିତ। ନୀଳାମ୍ବର ରଥ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ତାଙ୍କର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। ସାମ୍ବାଦିକତାରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଲେ, ଦିନକୁ ଦିନ ଦର୍ଶକ ବା ପାଠକଙ୍କ ରୁଚି ବଦଳୁଛି। ସାମ୍ବାଦିକତାରେ ସଫଳତା ପାଇଁ ନିଜ ଦକ୍ଷତା ଉପରେ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣେଇ ସମୟାନୁସାରେ ପରିବର୍ତ୍ତନ ହେଉଥିବା ଧାରା ସହ ଖାପ ଖୁଆଇବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର। ରୁବେନ ବାନାର୍ଜୀ କହିଛନ୍ତି, ବର୍ତ୍ତମାନ ସୋସିଆଲ ମିଡିଆ, ଏପରିକି ପ୍ରମୁଖ ଗଣମାଧ୍ୟମରେ ମଧ୍ୟ ଭୁଲ୍ ସୂଚନା ପ୍ରସାରିତ ହେଉଛି। ଭୁଲ୍ ସୂଚନା ଓ ପ୍ରାୟୋଜିତ ଭ୍ରମାତ୍ମକ ସୂଚନା ପ୍ରଦାନ ସାମ୍ବାଦିକତା କ୍ଷେତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ ଏହି ଅଧିବେଶନର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି କୁଳଭୂଷଣ ବାଲୁନି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିବିସି ଡିଜିଟାଲ କଣ୍ଟେଣ୍ଟ ଏଡିଟର ସର୍ବପ୍ରିୟା ସାଙ୍ଗୱାନ୍ ଭର୍ଚୁଆଲରେ ଯୋଡ଼ି ହୋଇଥିବବେଳେ ନ୍ୟୁଜ୍‌ରୁମ୍‌ର ସମ୍ପାଦକ ମନୋରଞ୍ଜନ ମିଶ୍ର, ଏମବିସି ଟିଭିର ସମ୍ପାଦକ ଅଶୋକ କୁମାର ପଣ୍ଡା ଏବଂ ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜମିଶ୍ର ଯୋଗଦେଇ ସମ୍ପ୍ରତି ଗଣମାଧ୍ୟମର ସ୍ୱାଧୀନତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ମେହୁଲ ଅଗ୍ରୱାଲ ଏହି ଅଧିବେଶନର ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିବାବେଳେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ର ଉଦ୍‌ଯାପନୀ ମନ୍ତବ୍ୟ ଦେଇଥିଲେ।



ସମ୍ମିଳନୀରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସ[illegible]ତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଓ ବିର୍ଲା ଗ୍ଲୋବାଲ ୟୁନି[illegible]ଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ।

www.dharitriepaper.in I All rights reserved © 2025